# ଓଡ଼ିଶା ବିଧାନସଭା

(ନବମ ଅଧିବେଶନ )

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୩୧ ମାର୍ଚ୍ଚ ୨୦୨୨

----

[ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ଯୋଜନା ଓ ସଂଯୋଜନ - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ସୂଚନା ଓ ଲୋକ ସମ୍ପର୍କ - କ୍ରୀଡା ଓ ଯୁବକଲ୍ୟାଣ - ବାଣିଜ୍ୟ - ପରିବହନ - ପର୍ଯ୍ୟଟନ ଜଳ ସମ୍ପଦ ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ନିରନ୍ତର ଜଳ ପରିଚାଳନା

*121 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ଜଳ ସମ୍ପଦ ବିଭାଗ ଓ ୟୁନିସେଫ୍ ମଧ୍ୟରେ ସ୍ୱାକ୍ଷରିତ ନିରନ୍ତର ଜଳ ପରିଚାଳନା ଚୁକ୍ତିର ସବିଶେଷ ରୂପରେଖ କଣ ଏବଂ ସେହି ଲକ୍ଷ୍ୟ କେବେ ସୁଦ୍ଧା ହାସଲ ହେବ ଏହି କାର୍ଯ୍ୟକ୍ରମ ପାଇଁ ବ୍ୟୟ ଅଟକଳ କେତେ ଓ ସେଥିରେ ବିଶ୍ୱବ୍ୟାଙ୍କ କିମ୍ବା ଅନ୍ୟ କୌଣସି ସଂସ୍ଥାଙ୍କ ଆର୍ଥିକ ସହାୟତା କେତେ ବିଶେଷକରି 'ମୋ ନଦୀ ଅଭିଯାନ' ଯୋଜନାର ଆଭିମୂଖ୍ୟ ଓ ଅଟକଳ ସମ୍ପର୍କିତ ସବିଶେଷ ସୂଚନା ଦେବେ କି ?

----

### ଗରିବୀ ହ୍ରାସ ପାଇଁ ବିଭିନ୍ନ ଯୋଜନା

*122 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗରିବୀ ସଂଖ୍ୟା 2000 ମସିହାରେ କେତେ ଥିଲା ଓ ଏହା ବର୍ତ୍ତମାନ କେତେ ପ୍ରତିଶତ ହ୍ରାସ ହୋଇଛି ନା ବୃଦ୍ଧି ହୋଇଛି, ଗରିବୀ ହ୍ରାସ ପାଇଁ ସରକାରଙ୍କର ବିଶେଷ ଯୋଜନା ସଂପର୍କରେ ସୂଚନା ଦେବେକି?

----

### ଗାଇଖାଇ MIP ପର୍ଯ୍ୟଟନସ୍ଥଳୀ ପାଇଁ ଅର୍ଥ ଖର୍ଚ୍ଚ

*123 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ)ଷୋଡଶ ବିଧାନସଭାର ଅଣତାରକା ପ୍ରଶ୍ନ ସଂଖ୍ୟା 1791/ତା.12.03.2020 ରେ ସରକାରଙ୍କ ସ୍ୱୀକାରୋକ୍ତି ଅନୁଯାୟୀ ଲୋଇସିଂହା ନିର୍ବାଚନ ମଣ୍ଡଳୀର ଗାଇଖାଇ MIP କୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦିଆଯାଇଛି, ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରାପ୍ତି ତାରିଖଠାରୁ ତା.28.02.22 ପର୍ଯ୍ୟନ୍ତ ଗାଇଖାଇ ପର୍ଯ୍ୟଟନସ୍ଥଳୀ ପ୍ରକଳ୍ପ ନିମନ୍ତେ ସରକାରଙ୍କ କେଉଁ ବିଭାଗ କେଉଁ ବର୍ଷ କେତେ ପାଣ୍ଠି ବଜେଟ ରଖି କେତେ ପାଣ୍ଠି ଖର୍ଚ୍ଚ କରି କେଉଁ ପ୍ରକାର ବିକାଶ କରିଛନ୍ତି ତାର ସମ୍ପୂର୍ଣ୍ଣ ବିବରଣୀ ସହ ଏହି ବିକାଶ ଫଳରେ ପର୍ଯ୍ୟଟକଙ୍କ ସଂଖ୍ୟା କେତେ ବୃଦ୍ଧି ହୋଇଛି ବର୍ଷୱାରୀ ତଥ୍ୟ ଦେବେ କି, (ଖ) ଅଣତାରକା ପ୍ରଶ୍ନ ସଂଖ୍ୟା 1791/ତା.12.03.20 ର ଉତ୍ତର ଅନୁଯାୟୀ ଲୋଇସିଂହା ନିର୍ବାଚନ ମଣ୍ଡଳୀର "ଆମଝରନ" ଓ "ରମେଇ ପାହାଡ" ତଥା "ଛେଲିଆ ପାହାଡ" କୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ବଲାଙ୍ଗୀର ଜିଲ୍ଲାପାଳଙ୍କଠାରୁ ପ୍ରସ୍ତାବ ଆସିଲା କି, ଯଦି ଉତ୍ତର ନା ହୁଏ ବଲାଙ୍ଗୀର ଜିଲ୍ଲାପାଳଙ୍କଠାରୁ ପ୍ରସ୍ତାବ ଆଣିବା ପାଇଁ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ତଥ୍ୟ ଉପସ୍ଥାପନ କରିବେ କି ?

----

## ଅସ୍ଥାୟୀ କର୍ମଚାରୀଙ୍କୁ ୱାର୍କଚାର୍ଜଡ ଘୋଷଣା

*124 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତା. 12.4.1993 ପରେ ସରକାରୀ ପ୍ରେସରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ୱାର୍କଚାର୍ଜଡ ଘୋଷଣା କରିବା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଏହା କେବେସୁଦ୍ଧା କାର୍ଯ୍ୟକାରୀ କରାଯିବ?

----

## ଓଡିଆ ଭାଷାର ଅଧିକ ପ୍ରସାରଣ

*125 **ଶ୍ରୀ ଅମର ପ୍ରସାଦ ସତପଥୀ (ବରଚଣା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଆ ଭାଷାର ଅଧିକ ପ୍ରସାରଣ ପାଇଁ ସରକାରଙ୍କ କି ନିୟମ ରହିଅଛି ଏବଂ ଏଥିନିମନ୍ତେ ସରକାରଙ୍କ ନିୟମ କଡାକଡି ଥିଲେ ହେଁ ଏହାର ଉଲ୍ଲଘଂନକାରୀଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି?

----

## ନୂତନ Tower ନିର୍ମାଣ

*126 **ଶ୍ରୀ ପିତମ୍ ପାଢୀ (ପଟାଙ୍ଗୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀରେ ବିଗତ 3 ବର୍ଷ ମଧ୍ୟରେ କେତୋଟି Tower ସ୍ଥାପନ କରାଯାଇଛି ଓ ଆଗାମି ଦିନରେ କେଉଁ କେଉଁ ସ୍ଥାନରେ ନୂତନ Tower ସ୍ଥାପନା ନିମନ୍ତେ ଯୋଜନା ରହିଛି ତାହାର ବିବରଣି ପ୍ରଦାନ କରିବେ କି ?

----

## +2 ଓ +3 ଅନୁଷ୍ଠାନରେ ଲାଇସେନ୍ସ ଦେବା

*127 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବିଭାଗ ବିଭିନ୍ନ +2 ଓ +3 ଅନୁଷ୍ଠାନରେ ଲାଇସେନ୍ସ ଦେବାର ବ୍ୟବସ୍ଥା କରିଥିଲେ ; ଯେଉଁମାନଙ୍କୁ Learning License ଦିଆଯାଇଥିଲା ସେମାନଙ୍କୁ ଲାଇଟ୍ ଲାଇସେନସ୍ ଦେବା ପାଇଁ କି ବ୍ୟବସ୍ଥା କରାଯାଇଅଛି ଜଣାଇବେ କି ; (ଖ) Road safety ଓ accident ରୋକିବା ପାଇଁ କି ବ୍ୟବସ୍ଥା କରାଯାଇଅଛି ଜଣାଇବେ କି?

----

## କୋରାପୁଟ ଜିଲ୍ଲାରେ ଭୂତଳ ଜଳ ହ୍ରାସ

*128 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କୋରାପୁଟ ଜିଲ୍ଲାର ଭୂତଳ ଜଳସ୍ତର ଉଦବେଗଜନକ ଭାବେ ହ୍ରାସ ପାଇଲାଣି କି, 2000 ମସିହା ବେଳକୁ ଏହା କେତେ ଥିଲା, 2021 ରେ ତାହା କେତେକୁ ଖସିଗଲାଣି, ଭୂତଳ ଜଳ ହ୍ରାସ ପାଇଲେ କି ପ୍ରକାର ଭୟଙ୍କର ସ୍ଥିତି ଉପୁଜିବ ତାହା ସରକାର ଅନୁମାନ କଲେଣି କି, (ଖ) ଭୂତଳ ଜଳ ସ୍ତରରେ ଉନ୍ନତି ଆଣିବା ପାଇଁ ସରକାର ବଡ ବଡ ଜଳାଶୟମାନ ନିର୍ମାଣ କରିବେ କି ?

----

## MLA-LAD ରେ ହୋଇଥିବା କାର୍ଯ୍ୟ ଉପରେ GST କାଟିବା

*129 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) MLA-LAD ର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାମରେ GST କାଟିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଅଛି କି ; (ଖ) କଣ୍ଟାବାଞ୍ଜି NAC ରେ MLA-LAD ର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପରେ NAC, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ବାଧ୍ୟତାମୂଳକ ଭାବରେ 12%GST କାଟୁଥିବା ସରକାର ଜାଣନ୍ତି କି ଏବଂ MLA-LAD ରେ ବେଆଇନ ଭାବରେ କଟାଯାଇଥିବା ସମସ୍ତ GST ଟଙ୍କାକୁ ଫେରସ୍ତ ପାଇଁ ସରକାର ବ୍ୟବସ୍ଥା କରାଇବେ କି?

----

## ପର୍ଯ୍ୟଟନ ମାନଙ୍କୁ ଆକୃଷ୍ଟ କରିବାକୁ ପଦକ୍ଷେପ

*130 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଶ୍ୱକୁ କରୋନା କବଳିତ ଦ୍ୱାରା ପର୍ଯ୍ୟଟନ ଶିଳ୍ପ ର ଅଧିକ କ୍ଷତି ହୋଇଅଛି ରାଜ୍ୟରେ ପର୍ଯ୍ୟଟକ ମାନଙ୍କୁ ଅଧିକ ଆକୃଷ୍ଟ କରିବା ଏବଂ ପର୍ଯ୍ୟଟନ ସ୍ଥଳୀର ଉନ୍ନତି କରଣ ପାଇଁ ସରକାର କଣ କଣ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ଜଣାଇବେ କି ଭୁବନେଶ୍ୱର ସୁନ୍ଦରପଦା ଜଟଣୀ ରାସ୍ତାରେ ଅବସ୍ଥିତ ଲବଣ ଗିରି ପାହାଡକୁ ପର୍ଯ୍ୟଟନ ସ୍ଥଳୀ ଘୋଷଣା କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ଲୋକକଳା ବଞ୍ଚାଇବା ପାଇଁ ପଦକ୍ଷେପ

*131 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାର ଆଧ୍ୟାମିକ ଲୋକକଳା ବାଥୁଡି ଜନଜାତିର ଲୋକପ୍ରିୟ ଚାଙ୍ଗୁ ନୃତ୍ୟ ଗୀତ, ଦୋଳ ଗୀତ ଅତ୍ୟନ୍ତ ହୃଦୟଗ୍ରାହୀ ରାଜଧାନୀ ରେ ବିଭିନ୍ନ ଜିଲ୍ଲା ଉପଖଣ୍ଡ ଓ ରଥଯାତ୍ରା ସମୟରେ ବ୍ଲକ ମହକୁମାରେ ଉକ୍ତ ଲୋକକଳାକୁ ବଞ୍ଚାଇରଖିବା ପାଇଁ ଆୟୋଜନ ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ନିର୍ମାଣ ହେବାକୁ ଥିବା ମଧ୍ୟମ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

*132 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ କେଉଁ କେଉଁ ମଧ୍ୟମ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ଚେକଡ୍ୟାମ୍ ନିର୍ମାଣାଧିନ ଓ ପ୍ରସ୍ତାବାଧିନ ଅଛି ଓ ଏହାକୁ କାର୍ଯ୍ୟକାରୀ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଘରୋଇ କଲେଜ ଓ ସ୍କୁଲକୁ ଅନୁଦାନ

*133 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ କଳାହାଣ୍ଡି ଜିଲ୍ଲାର ମହାଲିଙ୍ଗ ମହାବିଦ୍ୟାଳୟ ଓ ସନସାଇନ୍ ବିଦ୍ୟାଳୟର ବିକାଶ ନିମନ୍ତେ କେତେ ଥର କେତେ ମୂଲ୍ୟର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି, ସେହି ପାଣ୍ଠିରେ କି କି ଉନ୍ନୟନ କାର୍ଯ୍ୟମାନ ହୋଇଛି, ସେହି କାର୍ଯ୍ୟଗୁଡ଼ିକୁ ବିଭିନ୍ନ ସମୟରେ କେଉଁ ବିଶିଷ୍ଟ ବ୍ୟକ୍ତିମାନେ ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି, ସେସବୁର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି , ମହାଲିଙ୍ଗ ମହାବିଦ୍ୟାଳୟ ଓ ସନସାଇନ୍ ବିଦ୍ୟାଳୟକୁ ଆର୍ଥିକ ସହାୟତା ନିମନ୍ତେ ପରିଷଦ ପକ୍ଷରୁ କେଉଁ କେଉଁ ତାରିଖରେ ବୈଠକ ବସିଥିଲା, ସେଥିରେ କେଉଁମାନେ ଉପସ୍ଥିତ ରହି ନିର୍ଣ୍ଣୟକୁ ଦସ୍ତଖତ ମାଧ୍ୟମରେ ଅନୁମୋଦନ ଦେଇଥିଲେ, ଘରୋଇ କଲେଜ ଓ ସ୍କୁଲକୁ ଅନୁଦାନ ପ୍ରଦାନ ନେଇ ଯଦି ବିକାଶ ପରିଷଦ ମାର୍ଗଦର୍ଶିକାରେ ବ୍ୟବସ୍ଥା ରହିଛି ତେବେ ତା'ର ତଥ୍ୟ ଦେବେ କି ?

----

## ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ ପଦକ୍ଷେପ

*134 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମହାନଦୀ ତଟବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ଓଡିଆରେ ନାମ ଫଳକ ଲେଖିବା

***135 ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍)ঃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଆ ଭାଷା ଶାସ୍ତ୍ରୀୟ ଭାଷାର ମର୍ଯ୍ୟଦା ପାଇବାଠାରୁ ଅଦ୍ୟାବଧି ଓଡିଆ ଭାଷା ସାହିତ୍ୟର ବିକାଶ ପାଇଁ କେନ୍ଦ୍ର ସରକାର କେତେ ପରିମାଣର ଅନୁଦାନ ଦେଇଛନ୍ତି ଓ ରାଜ୍ୟ ସରକାର ସେହି ଅର୍ଥ କେଉଁ ବାବଦ ଖର୍ଚ୍ଚ କରିଛନ୍ତି ରାଜ୍ୟରେ ଓଡିଆରେ ନାମ ଫଳକ ଲେଖାଯିବାପାଇଁ ରାଜ୍ୟସରକାର କି କି ପଦକ୍ଷେପ ନେଇଛନ୍ତି ଯେଉଁମାନେ ଓଡିଆଭାଷାରେ ନାମଫଳକଲେଖି ନାହାନ୍ତି ସେମାନଙ୍କ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## Water Position to different districts

***136 Dr. Pradeep Kumar Panigrahy (Gopalpur):**

Will the Minister for **Water Resources** be pleased to state that:- Status of fresh water and river water position of different district in comparison to different State of India including ground water vs surface water and %of loss of water with different reason and what is water resources management policy proper conservation and utilisation in Odisha ?

----

## ଆର୍ଥିକ ମାନ୍ଦା ବଜାରକୁ ଦୃଷ୍ଟିରେ ରଖି ବିଶେଷ ଧ୍ୟାନ ଦେବା

***137 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଶ୍ୱ ତଥା ଦେଶର ଆର୍ଥିକ ମାନ୍ଦା ବଜାରକୁ ଦୃଷ୍ଟିରେ ରଖି ରାଜ୍ୟରେ ଯୋଜନାର ବାସ୍ତବ ପରିଚାଳନା କ୍ଷେତ୍ରରେ ସରକାର କେଉଁ ଦିଗ ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି କିମ୍ବା ଆଗାମୀ ଦିନରେ କାର୍ଯ୍ୟ କରିବେ ଯାହାଦ୍ୱାରା ଘରୋଇ ଉତ୍ପାଦନ ବୃଦ୍ଧି ହେବ ?

----

## ପର୍ଯ୍ୟଟନ କ୍ଷେତ୍ରରେ ହୋଇଥିବା ପୁଞ୍ଜି ବିନିଯୋଗ

***138 ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପର୍ଯ୍ୟଟନ କ୍ଷେତ୍ରରେ ସ୍ୱଳ୍ପ ଅର୍ଥ ବିନିଯୋଗ ସତ୍ତ୍ୱେ ସର୍ବାଧିକ କର୍ମନିଯୁକ୍ତି ଓ ରାଜସ୍ୱ ଅର୍ଜନ ହେଉଥିବା ଓଡ଼ିଶାଭଳି ରାଜ୍ୟରେ ସମ୍ଭବ କି ; ଯଦି ଉତ୍ତର ହଁ, ଗତ 5 ବର୍ଷରେ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ବାବଦରେ କେତେ ପୁଞ୍ଜି ବିନିଯୋଗ କରିଛନ୍ତି, ସେଥିମଧ୍ୟରୁ କେଉଁ ପ୍ରକଳ୍ପରେ କେତେ ଖର୍ଚ୍ଚ ହୋଇଛି, କେତେ ରାଜସ୍ୱ ଅର୍ଜନ ଓ କେତେ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି, ସେସବୁର ବର୍ଷ ଓ ଜିଲ୍ଲାୱାରୀ ସବିଶେଷ ତଥ୍ୟ ଦେବେ କି ; ଆଫ୍ରିକା ମହାଦେଶର ମାସାଇ ପ୍ରଜାତିର ଜନଜାତି ପର୍ଯ୍ୟଟନ ସହିତ ବନ୍ୟପ୍ରାଣୀ ପରିଭ୍ରମଣ ଏକ ବୃହତ ପର୍ଯ୍ୟଟନର ସମ୍ଭାର ହୋଇଥିବା ବେଳେ ଓଡ଼ିଶାରେ ଜନଜାତିଙ୍କ ଐତିହ୍ୟର ସୁରକ୍ଷା ପୂର୍ବକ ସେମାନଙ୍କୁ ଜନଜାତି ପର୍ଯ୍ୟଟନର ମାନଚିତ୍ରରେ ଆଣି ସେମାନଙ୍କର ଆର୍ଥିକ ବିକାଶ ନେଇ ସରକାର କୌଣସି ଯୋଜନା କରିଛନ୍ତି କି ?

----

## ପାଠାଗାରକୁ ଆଧୁନିକୀକରଣ

*139 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାର ସଂସ୍କୃତି ପାଠାଗାରକୁ ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## କ୍ଷୁଦ୍ର, ମଧ୍ୟମ ଓ ବୃହତ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ସର୍ଭେ

*140 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ ନୂତନଭାବେ କ୍ଷୁଦ୍ର, ମଧ୍ୟମ ଓ ବୃହତ୍ତ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କେବେ ସର୍ଭେ ହୋଇଛି କେଉଁଠାରେ ସର୍ଭେ ଚାଲୁ ରହିଛି ତାର ଏକ ବିବରଣୀ ଉପସ୍ଥାପନ କରିବେ କି; (ଖ) ସର୍ଭେ ସମ୍ପୂର୍ଣ୍ଣ ହୋଇଥିବା କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ ଏବଂ ସମ୍ପୃକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ କେତେ ଜମି ଜଳସେଚନ ହୋଇପାରିବ ଓ କେଉଁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ କେତେ ଅର୍ଥ ବ୍ୟୟ ତାହା ପ୍ରକାଶ କରିବେ କି ?

----

## ଟଙ୍କା ଖର୍ଚ୍ଚ ନ ହୋଇ ପଡିରହିଥିବା

*141 **ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) 2024 ମସିହା ଯାଏ ଏହି ବିଭାଗ ଦ୍ୱାରା ବିଭିନ୍ନ ବାବଦରେ କେତେ ଅର୍ଥ ବ୍ୟୟ କରାଯିବ ତାହାର ଏକ ତାଲିକା ଦେବେ କି, (ଖ) ଏଯାଏ D.R.D.A ଓ ବ୍ଲକରେ କେତେ ଟଙ୍କା ଖର୍ଚ୍ଚ ନ ହୋଇ ପଡିଛି ତାହାର ଏକ ତାଲିକା ଦେବେ କି ?

----

## ନୂତନ ପର୍ଯ୍ୟଟନସ୍ଥଳୀ ମାନ୍ୟତା

*142 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନମଣ୍ଡଳୀର ରଣପୁର ବ୍ଲକର ଅସୁରକୁମାରୀ ପୀଠ ଓ ଓଡଗାଁ ବ୍ଲକର ଝାଡେଶ୍ୱରୀ ପୀଠ ଓ ସିମିଳି ଜଳ ପ୍ରପାତକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ସହିତ ଭିତ୍ତିଭୂମିର ବିକାଶ ପାଇଁ ପଚାରିଥିବା ଅଣତାରକା ପ୍ରଶ୍ନ ନଂ ୨୭୦, ତା.୦୨.12.21 ର ଉତ୍ତରରେ ସରକାର ଜଣାଇଥିଲେ କି ପ୍ରଚଳିତ ମାର୍ଗଦର୍ଶିକା ଅନୁସାରେ ବିଧିବଦ୍ଧ ପ୍ରସ୍ତାବ ସମ୍ପୃକ୍ତ ଜିଲ୍ଲାପାଳଙ୍କଠାରୁ ହସ୍ତଗତ ହେଲେ ସରକାର ଆଗମନ କରୁଥିବା ପର୍ଯ୍ୟଟକମାନଙ୍କ ସଂଖ୍ୟା, ପ୍ରକଳ୍ପ ନିମନ୍ତେ ଆବଶ୍ୟକ ଉପଯୁକ୍ତ ଉପଲବ୍ଧ ସ୍ଥାନ ଓ ଆର୍ଥିକ ସମ୍ବଳକୁ ଦୃଷ୍ଟିରେ ରଖି ବିଚାର କରିବେ, ଇତି ମଧ୍ୟରେ ଏ ଦିଗରେ କଣ ଅଗ୍ରଗତି ହୋଇଛି ଏବଂ କେବେସୁଦ୍ଧା ଉପରୋକ୍ତ ସ୍ଥାନମାନଙ୍କୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇ ଭିତ୍ତିଭୂମିର ବିକାଶ କରାଯିବ କହିବେ କି ?

----

## ଲୋକକଳା ବନାବାଡି ନୃତ୍ୟର ସୁରକ୍ଷା

*143 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାର ଲୋକପ୍ରିୟ ଲୋକକଳା ବନାବାଡି ନୃତ୍ୟର ସୁରକ୍ଷା, ବିକାଶ ଓ ଗବେଷଣା ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଜମିକୁ କେନାଲ ଜଳସେଚନ ସୁବିଧା

*144 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଢେଙ୍କାନାଳ ଜିଲ୍ଲାର କେଉଁ ବ୍ଲକର କେତେ ଶତାଂଶ ଜମିକୁ କେନାଲ ଜଳସେଚନ ସୁବିଧା ପ୍ରଦାନ କରାଯାଇଛି ଓ ଜିଲ୍ଲାକୁ ପୂର୍ଣ୍ଣାଙ୍ଗ ଜଳସେଚିତ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## Balipokhari Escape ର ଉନ୍ନତି କରଣ

*145 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଳସରା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଖୁଆପଦା Sub-division ଅଧିନରେ ଥିବା Balipokhari Escape ର ଉନ୍ନତି କରଣ ପାଇଁ 01.04.2020 ଠାରୁ ଆଜି 14.03.2022 ପର୍ଯ୍ୟନ୍ତ କେତେ କେତେ ଟଙ୍କାର Tender କରାଯାଇଛି ସମସ୍ତ କାମର Estimate ର ତଥ୍ୟ ପ୍ରଦାନ କରିବେ ଏବଂ ସେହି ସମସ୍ତ କାମ ପାଇଁ ସରକାର କେବେ ଚୁକ୍ତି କରିଛନ୍ତି ଏହି Escape ର RL Lebel କେତେ ପ୍ରକୃତରେ ଏବେ ଏହାର lebel କେତେ ଅଛି ଏବଂ ସରକାରଙ୍କ Record କେତେ ?

----

## DMF ରୁ ମିଳିଥିବା ଅର୍ଥ

***146 ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜିଲ୍ଲା ଖଣିଜ ଫାଉଣ୍ଡେସନ୍ (DMF) କାର୍ଯ୍ୟକାରୀ ହେବାଠାରୁ ଚଳିତ ବର୍ଷ ଫେବୃଆରୀ ଶେଷ ସୁଦ୍ଧା ଏହି ପାଣ୍ଠିକୁ ମୋଟ କେତେ ଟଙ୍କା ଆସିଛି ଓ ଏପର୍ଯ୍ୟନ୍ତ ମୋଟ କେତେ ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇ କେତେ ଟଙ୍କା ବ୍ୟୟ କରାଯାଇଛି ମୁଖ୍ୟତଃ ଖଣି ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକର ଅଟକଳ ଏବଂ ସେଥିରେ ବିନିଯୋଗ ଅର୍ଥ ପରିମାଣ କେତେ-ଖଣି ଅଞ୍ଚଳ ୱାରୀ ତଥ୍ୟ ଦେବେ କି ?

----

## 35% ଜଳସେଚନର ସୁବିଧା

***147 ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଦ୍ରକ ଓ ଯାଜପୁର ଜିଲ୍ଲାରେ ରବି ଚାଷ କରିବା ପାଇଁ କ୍ଷେତକୁ ପାଣି ଯୋଗାଇବା ପାଇଁ ବୈତରଣୀ ନଦୀର ଶଯ୍ୟା ପୋତି ହୋଇପଡିବା ସଙ୍ଗେ ସଙ୍ଗେ ଇଂରେଜ ଅମଳରୁ ନିସ୍ତତ୍ତି ଆନିକଟର ଜଳଧାରଣ ବ୍ୟବସ୍ଥା ଅତ୍ୟନ୍ତ କମ ହୋଇଯାଇଥିବାରୁ ଏହି ଆନିକଟର ନବୀକରଣ ସହିତ ବୈତରଣୀ ନଦୀରେ Instream Storage Structure ନିର୍ମାଣ ପାଇଁ ଯତ୍ନବାନ ହେବେକି, ବୈତରଣୀ ନଦୀର ବାମ ପାର୍ଶ୍ୱରେ ଥିବା ବାଲି ପୋଖରୀ escape ର କାର୍ଯ୍ୟ କେବେ ଆରମ୍ଭ ହେବ; (ଖ) ରାଜ୍ୟର କେତୋଟି ବ୍ଲକରେ ଏପର୍ଯ୍ୟନ୍ତ 35% ଜଳସେଚନର ସୁବିଧା କରାଯାଇପାରିନାହିଁ ଓ ତାହା କରିବା ପାଇଁ ସରକାର ଗ୍ରହଣ କରୁଥିବା ପଦକ୍ଷେପ ସଂପର୍କରେ ସୂଚନା ଦେବେକି?

----

## ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ

***148 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପ୍ରକଳ୍ପ ବଜେଟର ଅଟକଳ କେତେ, ଏହି ପ୍ରକଳ୍ପରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ କେତେ ଅଂଶ ଖର୍ଚ୍ଚ କରିବା ପାଇଁ ଅଟକଳ ହୋଇଛି, ଏହି ବଜେଟ ଅଟକଳ ମଧ୍ୟରୁ ତା.28.02.22 ସୁଦ୍ଧା ରାଜ୍ୟ ସରକାର କେଉଁ ବର୍ଷ ରାଜ୍ୟ ବଜେଟରୁ କେତେ ପାଣ୍ଠି ବିନିଯୋଗ କରିଛନ୍ତି ଓ କେନ୍ଦ୍ର ସରକାରଙ୍କ କେତେ ପାଣ୍ଠି ଖର୍ଚ୍ଚ ହୋଇଛି, ବର୍ଷୱାରୀ ତଥ୍ୟ ଦେବା ସହ ବର୍ତ୍ତମାନ କେଉଁ କେଉଁ ଜିଲ୍ଲାରୁ ଆଉ କେତେ ଜମି ଅଧିଗ୍ରହଣ କରିବାର ଆବଶ୍ୟକତା ଅଛି ଓ ଏହି ଜମିକୁ ସରକାର କେବେସୁଦ୍ଧା ଅଧିଗ୍ରହଣ କରିବାକୁ ବ୍ୟବସ୍ଥା କରିବେ ତଥ୍ୟ ସହ ନିର୍ଦ୍ଦିଷ୍ଟ ସ୍ପଷ୍ଟୀକରଣ ଦେବେ କି, (ଖ) ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପ୍ରକଳ୍ପର ବର୍ତ୍ତମାନର Status ର ସବିଶେଷ ବିବରଣୀ ସହ କେବେସୁଦ୍ଧା ସମ୍ପୂର୍ଣ୍ଣରୂପେ ଏହି ରେଳପଥ ବଲାଙ୍ଗୀର, ସୋନପୁର ଓ ବଉଦର ଜନସାଧାରଣଙ୍କଦ୍ୱାରା ବ୍ୟବହାରଯୋଗ୍ୟ ହେବ ?

----

## ତାଳଦଣ୍ଡା କେନାଲ ଶଯ୍ୟା ଖନନ

***149 ଶ୍ରୀ ସୌଭିକ୍ ବିଶ୍ବାଳ (ଚୌଦ୍ୱାର-କଟକ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତାଳଦଣ୍ଡା କେନାଲ ଶଯ୍ୟା ଖନନ ସହିତ ଏହାର ସଂପ୍ରସାରଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ଏହି କାର୍ଯ୍ୟ କେବେସୁଦ୍ଧା ଆରମ୍ଭ କରାଯାଇ କେବେସୁଦ୍ଧା ପୂର୍ଣ୍ଣାଙ୍ଗ ହେବ ?

----

## ପର୍ଯ୍ୟଟନ କ୍ଷେତ୍ରରେ କୋଠରୀ ନିର୍ମାଣ

***150 ଶ୍ରୀ ଅମର ପ୍ରସାଦ ସତପଥୀ (ବରଚଣା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର କେଉଁ ଜିଲ୍ଲାରେ କେଉଁ କେଉଁ ପର୍ଯ୍ୟଟନ କେନ୍ଦ୍ର ଅଛି ଓ କେଉଁ ପର୍ଯ୍ୟଟନ କେନ୍ଦ୍ରରେ କେତୋଟି କୋଠରୀ ପର୍ଯ୍ୟଟକମାନଙ୍କ ପାଇଁ ରହିଅଛି ଏବଂ ଗତ ବର୍ଷ କେଉଁ ପର୍ଯ୍ୟଟନ କେନ୍ଦ୍ରରୁ କେତେ ରାଜସ୍ୱ ଆଦାୟ ହୋଇଅଛି; (ଖ) ଯାଜପୁର ଜିଲ୍ଲା ମହାବିନାୟକ ଓ ଓଳାଶୁଣୀ ପର୍ଯ୍ୟଟନ କେନ୍ଦ୍ରରେ ଆବଶ୍ୟକତା ଦୃଷ୍ଟିରୁ କେତୋଟି ଅଧିକ କୋଠରୀ ନିର୍ମାଣ କରାଯିବାର ପ୍ରସ୍ତାବ ଅଛି ଓ କେବେସୁଦ୍ଧା ଏହା ନିର୍ମାଣ କରାଯିବ ?

----